# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07th October - 2024**

**News Editor : *Itishree Singh Rathuar***

**************************************

## ମୁଖ୍ୟ ସମ୍ବାଦ

- ମାଓବାଦୀ ମୁକାବିଲା ନେଇ ପ୍ରତି ମାସରେ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା
- ଓଡ଼ିଶାରେ ମାଓବାଦୀ ଦମନ ପାଇଁ ହେଲିକପ୍ଟର ସେବା ସହ ପ୍ରଭାବିତ ଅଞ୍ଚଳରେ ପ୍ରମୁଖ ରାସ୍ତା ନିର୍ମାଣ ପାଇଁ  କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ମୁଖ୍ୟମନ୍ତ୍ରୀ
- ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ବୁଧବାର ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି
- ଆମେରିକାର ଜୀବବିଜ୍ଞାନୀ ଭିକ୍ଟର ଆମ୍ବ୍ରସ ଓ ଗ୍ୟାରୀ ରୁବ୍‌କୁନ୍ ଚଳିତ ବର୍ଷ ପାଇଁ ମେଡିସିନ୍‌ରେ ପାଇବେ ନୋବେଲ ପୁରସ୍କାର

ଏବଂ

- ନବରାତ୍ରର ପଞ୍ଚମ ଦିନରେ ଆଜି ବିଭିନ୍ନ ଶକ୍ତିପୀଠରେ ସ୍କନ୍ଦମାତା ବେଶରେ ଦର୍ଶନ ଦେଉଛନ୍ତି ଜଗଜ୍ଜନନୀ ମା’ ଦୁର୍ଗା

*Desk*

# ଅମିତଶାହା-ବାମପନ୍ଥୀ ବୈଠକ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଓଡ଼ିଶା ସମେତ  ମାଓବାଦୀ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ସମୀକ୍ଷା ବୈଠକ ହୋଇଛି । ବୈଠକରେ ଶ୍ରୀ ଶାହା କହିଛନ୍ତି, କେନ୍ଦ୍ର-ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ମାଓବାଦୀ ଗତିବିଧି ହ୍ରାସ ପାଇଛି ।  ଦେଶରେ ମାଓବାଦୀ ହିଂସା ଘଟଣା ୧୬ ହଜାରରୁ ୭ ହଜାର ୭୦୦କୁ ହ୍ରାସ ପାଇଛି । ଆସନ୍ତା ବର୍ଷ ସୁଦ୍ଧା ଏହି ସଂଖ୍ୟା ଆହୁରି ହ୍ରାସ ପାଇବ ବୋଲି ଶ୍ରୀ ଶାହା କହିଛନ୍ତି । ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ମୁଖ୍ୟମନ୍ତ୍ରୀମାନଙ୍କୁ ମାସକୁ ଥରେ ମାଓବାଦୀ ମୁକାବିଲାର ସମୀକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ସହ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ପ୍ରତି ୧୫ ଦିନରେ ଏ ନେଇ ସମୀକ୍ଷା କରିବାକୁ କହିଛନ୍ତି । ସେ କହିଛନ୍ତି, ଦେଶର ବିକାଶରେ ମାଓବାଦୀ କାର୍ଯ୍ୟକଳାପ ସବୁଠୁ ବଡ଼ ସମସ୍ୟା ଦେଖାଦେଇଛି । ମାଓବାଦୀ ସହ ଜଡ଼ିତ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ମାଓବାଦୀ ଦମନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କର ସହାୟତା ପାଇଁ ଧନ୍ୟବାଦ ଜଣାଇବା ସହ ରାଜ୍ୟରେ ମାଓ ମୁକାବିଲା ଶେଷ ପର୍ଯ୍ୟାୟରେ ପହଁଞ୍ଚିଥିବା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, କନ୍ଧମାଳ,

ବୌଦ୍ଧ ଏବଂ କଳାହାଣ୍ଡି ଜିଲ୍ଲାରେ  ମାଓ ଦମନ ଅଭିଯାନ ଜୋରଦାର କରାଯାଉଥିବା ସତ୍ତ୍ୱେ ସେଠାରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି। ମୁଖ୍ୟମନ୍ତ୍ରୀ ମାଓବାଦୀ ଦମନ ତଥା ନକ୍ସଲ ବିରୋଧୀ ଅଭିଯାନ ପାଇଁ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ, ଆପାତକାଳୀନ ସ୍ଥିତିରେ ନିରବଚ୍ଛିନ୍ନ ହେଲିକପ୍ଟର ସେବା, ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୧୨୭ଟି ପ୍ରମୁଖ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହା ସହ ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଜନସାଧାରଣଙ୍କ ପାଇଁ ମୌଳିକ ସୁବିଧା ସହ ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାର ଉପଲବ୍ଧତା ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ 'ଧରିତ୍ରୀ ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭଯାନ' ଯୋଜନାର ସମ୍ପ୍ରସାରଣ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ସୂଚନା ଅନୁସାରେ, ବୈଠକରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ୨୦୨୬ ମସିହା ସୁଦ୍ଧା ଦେଶରୁ ମାଓବାଦୀ ହିଂସାର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛନ୍ତି।

***BBSR***

## ସୁଭଦ୍ରା ଯୋଜନା- ଅର୍ଥରାଶି ପ୍ରଦାନ

ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ବୁଧବାର ଦିନ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ହିତାଧିକାରୀଙ୍କ ଆକାଉଣ୍ଟକୁ ଆଜି ଦ୍ୱିତୀୟ ପର୍ଯ୍ୟାୟର ୧ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

ପ୍ରାୟ ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀ ସୁଭଦ୍ରାର ପ୍ରଥମ କିସ୍ତି ଅର୍ଥ ପାଇବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି।

***BBSR***

## କୋଠା ରଙ୍ଗ ପରିବର୍ତ୍ତନ

ରାଜ୍ୟର ସମସ୍ତ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଉଭୟ ନୂଆ ଓ ପୁରୁଣାକୋଠା ବାହ୍ୟଭାଗର ରଙ୍ଗ ଈଷତ କମଳା ରହିବ ସେହିପରି କୋଠାର ବର୍ଡର ରଙ୍ଗ ଈଷତ ନାଲି ରହିବ। କୋଠାଗୁଡ଼ିକର ମରାମତି ତଥା ନବୀକରଣ ବେଳେ ଏହି ରଙ୍ଗ ପରିବର୍ତ୍ତନ କରାଯିବ ବୋଲି ପୂର୍ତ୍ତବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଇଞ୍ଜିନିୟର ଲକ୍ଷ୍ମୀକାନ୍ତ ପାଢ଼ି ଅବଗତ କରାଇଛନ୍ତି।

***Desk***

## ନୋବେଲ ପୁରସ୍କାର ଘୋଷଣା

ନୋବେଲ ପୁରସ୍କାର କମିଟି ପକ୍ଷରୁ ୨୦୨୪ ମସିହା ପାଇଁ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇବା ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କ ନାମ ଘୋଷଣା କରାଯାଇଛି। ଆମେରିକାର ଜୀବ ବିଜ୍ଞାନୀ ଭିକ୍ଟର ଆମ୍ବ୍ରସ ଏବଂ ଗ୍ୟାରୀ ରୁବ୍‌କୁନ୍ ଏହି ନୋବେଲ ପୁରସ୍କାର ପାଇବେ। ମାଇକ୍ରୋ ଆର୍.ଏନ୍.ଏ. ଏବଂ ଜିନିୟ ଅଭିବ୍ୟକ୍ତିରେ ଏହାର ଭୂମିକାର ଆବିଷ୍କାର ପାଇଁ ଏହି ଦୁଇଜଣ ବୈଜ୍ଞାନିକଙ୍କୁ ମେଡିସିନ୍‌ରେ ନୋବେଲ ପୁରସ୍କାର ଦିଆଯିବ।

***Sambalpur/BHK/ Nayagada/Sonepur/Boudh/Baragada***

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ତେବେ ଆଜି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

ନୟାଗଡ଼ ଜିଲ୍ଲାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ୧୭ଟି ମାମଲାର ତତ୍କାଳ ସମାଧାନ କରିଛନ୍ତି। ଶୁଣାଣି ପାଇଁ ୧୬୪ଟି ଦରଖାସ୍ତ ପଞ୍ଜୀକୃତ ହୋଇଥିଲା।

ଭଦ୍ରକ ଜିଲ୍ଲାରେ ଜନଅଭିଯୋଗ ଶୁଣାଣି ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପତଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୬ଟି ଅଭିଯୋଗର ଶୁଣାଣି କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳ ଅନନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମ କୁମାସର ସାହୁ ୩୧ଟି ଅଭିଯୋଗର ଶୁଣାଣି କରିଛନ୍ତି। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖକୁ ପଠାଯାଇଥିବା ଜଣାପଡ଼ିଛି।

ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବ୍ଲକରେ ଆୟୋଜିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୪୪ଟି ଆବେଦନ ଗ୍ରହଣ କରାଯାଇଥିଲା। ଜିଲ୍ଲାପାଳ ମାମଲାଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୌଦ୍ଧ ଜିଲ୍ଲାରେ ୩୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ବରଗଡ଼ ଜିଲ୍ଲା ଅମ୍ବାଭନା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ୮୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

*HS*

## ମା'ଙ୍କ ସ୍କନ୍ଦମାତା ବେଶ

ନବରାତ୍ର ପୂଜା ଅବସରରେ ବିଭିନ୍ନ ଶକ୍ତିପୀଠରେ ପଞ୍ଚମ ଦିବସରେ ଆଜି ମା'ଙ୍କର ସ୍କନ୍ଦମାତା ବେଶ ଅନୁଷ୍ଠିତ ହୋଇଛି। ଭଗବାନ ସ୍କନ୍ଦ ଅର୍ଥାତ୍ କାର୍ତ୍ତିକେୟଙ୍କ ମାତା କାରଣରୁ ମା'ଙ୍କର ପଞ୍ଚମ ସ୍ୱରୂପକୁ ସ୍କନ୍ଦମାତା କୁହାଯାଏ। ଏହାକୁ କଲ୍ୟାଣକାରୀ ଶକ୍ତିର ଅଧିଷ୍ଠାତ୍ରୀ ବୋଲି ବିବେଚନା କରାଯାଏ। ମା'ଙ୍କର ଏହି ବେଶ ଦର୍ଶନ ପାଇଁ ଶକ୍ତିପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଛି।  କଟକ ମା' ଚଣ୍ଡୀ ଆଜି ବନଦୁର୍ଗା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

*Sonepur*

## ସୁବର୍ଣ୍ଣପୁର ଦୁର୍ଗାପୂଜା

ଶାକ୍ତ ପରମ୍ପରାରର ଅନନ୍ୟ ସାଂସ୍କୃତିକ ମାଟି ସୁବର୍ଣ୍ଣପୁର ଶାରଦୀୟ ବେଳାରେ ଉତ୍ସବ ମୁଖର ହୋଇଉଠେ। ଆଶ୍ୱିନ ମୂଳାଷ୍ଟମୀଠାରୁ ପୂର୍ଣ୍ଣମୀ ଯାଏଁ ଜିଲ୍ଲାର ବିଭିନ୍ନ ଦେବୀପୀଠରେ ଷୋହଳ ପୂଜା ହୋଇଥାଏ। ଏହି ସମୟରେ ଷୋହଳ ଭରଣୀ ବାଦ୍ୟନିନାଦରେ ପରିବେଶ ଦୁଲ୍‌କୀ ଉଠିଥାଏ। ଏ ନେଇ ସୁବର୍ଣ୍ଣପୁରରୁ ଆମ ସମ୍ବାଦଦାତା ବେଣୁଧର ପ୍ରଧାନଙ୍କର ରିପୋର୍ଟ...

**- V/O –**

*Desk*

## ସଡ଼କ ଦୁର୍ଘଟଣା

କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଜଙ୍ଗଲକଣ୍ଠି ଗ୍ରାମ ନିକଟରେ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ମାମଲାର ତଦନ୍ତ ଜାରି ରଖିଛି ।

*Koraput/Boudh*

## ବନପ୍ରାଣୀ ସପ୍ତାହ ପାଳିତ

କୋରାପୁଟ ସଦର ମହକୁମାରେ ୭୦ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ସହାବସ୍ଥାନ ମାଧ୍ୟମରେ ବନ୍ୟଜନ୍ତୁ ସଂରକ୍ଷଣ' ଉପରେ ଅତିଥିମାନେ ଆଲୋଚନା କରିଥିଲେ । ଏହି ଅବସରରେ ଦୁଇ ଜଣଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ସହାୟକ ବନସଂରକ୍ଷକ ଶୁଭଦର୍ଶିନୀ ମହାନ୍ତିଙ୍କ ସହିତ କୋରାପୁଟ ବନଖଣ୍ଡର ବହୁ ବିଶିଷ୍ଟ ଅଧିକାରୀ ଯୋଗ ଦେଇଥିଲେ ।

ସେହିପରି ବୌଦ୍ଧ ଜିଲ୍ଲା ବୀରନରସିଂହପୁର ନର୍ସରୀଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପ୍ରକୃତି ବନ୍ଧୁ ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ବନ୍ୟପ୍ରାଣୀମାନଙ୍କର ସହାବସ୍ଥାନର ସଂରକ୍ଷଣ ଉପରେ ଆଲୋଚନା

କରିଥିଲେ। ବୈଠକରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସମେତ ବୌଦ୍ଧ ବନଖଣ୍ଡର ବହୁ ଅଧିକାରୀ ଯୋଗ ଦେଇଥିଲେ।

***Desk***

## କପା ଦିବସ ପାଳନ

କପା ଚାଷ ସହିତ ଜଡ଼ିତ କୃଷକ ଏବଂ କପା ଶିଳ୍ପ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱରେ ଆଜି କପା ଦିବସ ପାଳନ କରାଯାଉଛି। ୨୦୧୯ ମସିହାରେ ଜାତିସଂଘର ନିଷ୍ପତ୍ତି ଅନୁଯାୟୀ, ଆଜିର ଦିନକୁ ବିଶ୍ୱ କପା ଦିବସ ଭାବେ ପାଳନ କରାଯାଉଛି। ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ବିଶ୍ୱରେ କପାର ଆଦର ଏବଂ ବ୍ୟବହାର ବୃଦ୍ଧି ପାଇବା ସହ କୃଷି, ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ଏହାର ଚାହିଦା ବଢ଼ିବାକୁ ଲାଗିଲା। ସ୍ୱାଧୀନତା ଆନ୍ଦୋଳନ ସମୟରୁ ବାପୁଜୀଙ୍କ ବିଦେଶୀ ବର୍ଜନ ସ୍ୱଦେଶୀ ପରିଧାନ ନୀତିରେ କପା ହିଁ ମୁଖ୍ୟ ଆଧାର ରହିଥିଲା। ଖଦି, ଚରଖା ଆଦି ଜାତୀୟତାବାଦର ପ୍ରତୀକକୁ କପାର ଭୂମିକା ଅଧିକ ଶକ୍ତିଶାଳୀ କରିଥିଲା। ଭାରତ ବିଶ୍ୱର ଦ୍ୱିତୀୟ କପା ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି।

***HS***

## ବିଶ୍ୱ ଆବାସ ଦିବସ

ବିଶ୍ୱ ଆବାସ ଦିବସ ଆଜି ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଯୁବଗୋଷ୍ଠୀଙ୍କୁ ସାମିଲ କରି ଏକ ଉତ୍ତମ ସହର ଭବିଷ୍ୟତ ସୃଷ୍ଟି'। ଏହାର ଉଦ୍ଦେଶ୍ୟ ହେଉଛି ଯୁବବର୍ଗଙ୍କୁ ସେମାନଙ୍କର

ବର୍ତ୍ତମାନ ଓ ଭବିଷ୍ୟତ ଯୋଜନା ବିଷୟରେ ପ୍ରୋତ୍ସାହନ ପ୍ରଦାନ କରିବା । ଆବାସ ସ୍ଥିତିରେ ଉନ୍ନତି ଆଣିବା, ସୁରକ୍ଷିତ ପରିବେଶ ଉପରେ ଜନସଚେତନତା ସୃଷ୍ଟି ଏହି ଦିବସର ପାଳନର ମୂଳଲକ୍ଷ୍ୟ । ୧୯୮୫ ମସିହାରେ ପ୍ରଥମଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ଜାତିସଂଘ ସାଧାରଣ ସଭାରେ ଅକ୍ଟୋବର ମାସର ପ୍ରଥମ ସୋମବାରକୁ ବିଶ୍ୱ ଆବାସ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

*****